# କୃଷି ସୂଚନା ସେବା (ଧାନ)

## ଭା.କୃ.ଅନୁ.ପ-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

### ୨୦୧୯ ମସିହା ନଭେମ୍ବର ମାସ ଦ୍ୱିତୀୟ ପକ୍ଷ ପାଇଁ କାର୍ଯ୍ୟପନ୍ଥା :

- ଧାନକେଣ୍ଡାରେ ଶତକଡା ୮୦ ଭାଗ ଧାନ ପାଚିଗଲେ, ଧାନ କାଟି ଦେବା ଉଚିତ୍ । ଧାନ ଅମଳ ପରେ ଧାନକୁ ଭଲଭାବରେ ଖରାରେ ଶୁଖାଇ ଦିଅନ୍ତୁ । ଧାନର କିସମ ଅନୁସାରେ ଧାନକୁ ଅଲଗା ଅଲଗା କରି ବଜାରରେ ମିଳୁଥିବା ସୁପର ଗ୍ରେନ୍ ବସ୍ତାରେ ରଖିଲେ ବଜାରରେ ଭଲ ମୂଲ୍ୟ ମିଳିବ ।

- ସାଇତା ଧାନରେ ପୋକ ଦେଖାଦେଲେ ଆଲୁମିନିୟମ୍ ଫସ୍‌ଫାଇଡ୍ ଟାବ୍‌ଲେଟ୍ ଏକ ଟନ୍ ଧାନ ପିଛା ୩ଟି ଟାବ୍‌ଲେଟ୍ (୯ ଗ୍ରାମ୍) ଦେଇ ଭଲଭାବେ ତାରପୋଲିନ୍ ଘୋଡାଇ ଦିଅନ୍ତୁ । ଯେପରିକି କିଛି ଫାଙ୍କା ଜାଗା ନ ରୁହେ । କୋଠରୀର ସନ୍ଧି ଜାଗା କିମ୍ବା କବାଟ ତଳ ଫାଙ୍କ ଜାଗା କାଦୁଅ କିମ୍ବା ସେଲୋଟେପ୍ ପ୍ଲାଷ୍ଟିକ୍ ଜରି ଦେଇ ଭଲରେ ବନ୍ଦ କରନ୍ତୁ, ଯେପରିକି ବାଷ୍ପ ବାହାରକୁ ନ ଆସେ । ୭ ରୁ ୧୦ ଦିନ ପର୍ଯ୍ୟନ୍ତ କୋଠାରୀ ବନ୍ଦ କରନ୍ତୁ । ଲୋକ ଚଳପ୍ରଚଳ କରୁଥିବା ଜାଗାରେ ଏଭଳି ଔଷଧ ପ୍ରୟୋଗ କରନ୍ତୁ ନାହିଁ ।

- ଜଳସେଚିତ ମଧ୍ୟମ କିସମ ଜମିରେ ଧାନ କାଟିବା ପରେ ଆଳୁ, ସୂର୍ଯ୍ୟମୁଖୀ, ଚିନାବାଦାମ ଓ ଶୀତଦିନିଆ ମକା ଇତ୍ୟାଦି ଫସଲ ଚାଷ କରନ୍ତୁ ।

- ବର୍ଷାଶ୍ରୀତ ସ୍ୱଳ୍ପ ଖାଲୁଆଜମି ଯେଉଁଠାରେ ଜଳସେଚନର ସୁବିଧା ନାହିଁ, ବିଭିନ୍ନ ଫସଲ ଯଥା ମଟର, ବିରି, ପେସି ଇତ୍ୟାଦି ପାଇରା ଫସଲ ହିସାବରେ ମାଟିର ବତର ଦେଖି ଠିଆ ଧାନରେ ବୁଣାବୁଣି କରିଦିଅନ୍ତୁ ।

- ବିଳମ୍ବରେ ରୁଆଯାଇଥିବା ଧାନରେ ବାଦାମୀ ଗୁଣ୍ଡିପୋକ, ଧଳାପିଠିଆ ପତ୍ରଡିଆଁ, ସବୁଜ ପତ୍ରଡିଆଁ ଏବଂ ଗନ୍ଧି ପୋକ ଇତ୍ୟାଦି ଦେଖାଦେଇପାରେ । ଜମିରେ ପାଚିଲା ଧାନ ଅମଳ ହୋଇଥିବା ଅବସ୍ଥାରେ ଲେଡାପୋକ ଦେଖାଯାଏ । ସେଥିପାଇଁ ତଳେ ଦିଆଯାଇଥିବା ପୋକର ସଂଖ୍ୟା ଏବଂ ପ୍ରାର୍ଦୁର୍ଭାବ ଅବସ୍ଥା ସର୍ବେକ୍ଷଣ କରି ସେମାନଙ୍କୁ ଦମନ କରିବା ଦରକାର ।

  ସେହିସବୁ ପୋକମାନଙ୍କର ଆର୍ଥିକ ଦେହଳୀ ସୀମା (**ETL**) ହେଲା **:**

  - ବାଦାମୀ ଗୁଣ୍ଡିପୋକ- ପ୍ରତି ବୁଦାରେ ୫ ରୁ ୧୦ଟି ପୋକ
  - ଧଳାପିଠିଆ ପତ୍ରଡିଆଁ ପୋକ-ବୁଦାପ୍ରତି ୫ ରୁ ୧୦ ଟି ପୋକ
  - ଗନ୍ଧିପୋକ-ପ୍ରତି ବର୍ଗମିଟରରେ ୨ରୁ ୪ ଟା ପୋକ

(**ବି.ଦ୍ର:** ବାଦାମୀ ଗୁଣ୍ଡିପୋକ ଓ ଧଳାପିଠିଆ ପତ୍ରଡିଆଁ ପୋକ ସର୍ବେକ୍ଷଣ ପାଇଁ ଧାନ ଗଛର ମୂଳରୁ ଗୋଟିଏ ବାଡି ଦ୍ୱାରା ବାଡେଇ ଦେଲେ ପୋକଗୁଡିକ ତଳେଥିବା ପାଣିକୁ ଡେଇଁପଡିବେ । ସେଥିରୁ ଆମେ ସେମାନଙ୍କର ସଂଖ୍ୟା ଜାଣିପାରିବା)

ଆର୍ଥିକ ଦେହଳୀ ସୀମାରୁ ଅଧିକ ପୋକ ସଂଖ୍ୟା ଦେଖାଦେଲେ ନିମ୍ନଲିଖିତ ଯେ କୌଣସି କୀଟନାଶକ ଔଷଧକୁ ଏକର ପିଛା ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିବା ଦରକାର । ମାତ୍ର ଧାନ ପାକଳ ହେବାପରେ ଅମଳ ସମୟ ହୋଇଥିଲେ ଲେଡା ପୋକ ବ୍ୟତିତ ଅନ୍ୟ ପୋକର ଦମନ ପାଇଁ କୌଣସି ଔଷଧ ପ୍ରୟୋଗ କରନ୍ତୁ ନାହିଁ ।

**ବାଦାମୀ ଗୁଣ୍ଡିପୋକ / ଧଳାପିଠିଆ ପତ୍ରଡିଆଁ ପୋକ/ସବୁଜ ପତ୍ରଡିଆଁ ପୋକ :**

ଏକର ପ୍ରତି ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ ୫୦ ମି.ଲି. କିମ୍ବା, ଥାୟୋମିଥୋକ୍ସାମ୍ ୨୫ ଡବ୍ଲ୍ୟୁ.ଜି. ୪୦ ଗ୍ରାମ୍ କିମ୍ବା, ଇଥୋଫେନୋପ୍ରକ୍ସ ୧୦ ଇ.ସି. ୨୦୦ ମି.ଲି. କିମ୍ବା ଏକ ଲିଟର ପାଣିରେ ୫ ମି.ଲି. ନିମ୍ବ ତେଲ ଏବଂ ୨% ତରଳ ସାବୁନ ପାଣି ମିଶାଇ ସିଞ୍ଚନ କରନ୍ତୁ ।

- ସର୍ବଦା ସଠିକ୍ ପରିମାଣର କୀଟନାଶକ ଔଷଧ ଧାନ ବୁଦାର ନିମ୍ନ ଭାଗରେ ପ୍ରୟୋଗ କରନ୍ତୁ ।
- ଧାନ ବିଲରେ ପୋକ ଲାଗିଥିବା ଅବସ୍ଥାରେ ଫସଲ ପୋଡନ୍ତୁ ନାହିଁ କାରଣ ଏହା କରିବା ଫଳରେ ବାଦାମୀଗୁଣ୍ଡି ପୋକ ପାଖାପାଖି ଫସଲ ବା ଧାନ କିଆରୀକୁ ବ୍ୟାପିଯାଇଥାଏ ।

**ଗନ୍ଧିପୋକ :**

ଇଥୋଫେନୋପ୍ରକ୍ସ ୧୦ ଇ.ସି. ୨୦୦ ମି.ଲି. ପ୍ରତି ଏକର ୨୦୦ ଲିଟର ପାଣିରେ ମିଶାଇ ପତ୍ରସିଞ୍ଚନ କରନ୍ତୁ କିମ୍ବା ମାଲାଥିଅନ୍ ୫ ଡି. ଗୁଣ୍ଡ ୧୦ କି.ଗ୍ରା. ପ୍ରତି ଏକର ସକାଳେ ପବନ ନ ହେଉଥିବା ସମୟରେ ପ୍ରୟୋଗ କରନ୍ତୁ ।

**ଲେଡାପୋକ :**

ଏକର ପିଛା କୁଇନାଲଫସ୍ ୨୫ ଇ.ସି. ୪୦୦ ମି.ଲି. ପ୍ରତି କିମ୍ବା, କ୍ଲୋରୋପାଇରିଫସ୍ ୨୦ ଇ.ସି. ୫୦୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ପତ୍ରସିଞ୍ଚନ କରନ୍ତୁ । ଏହାକୁ ସକାଳ ସମୟରେ ଗଛର ତଳଭାଗରେ ପ୍ରୟୋଗ କରିବା ଆବଶ୍ୟକ ।

**ମୂଷା ଦାଉରୁ ରକ୍ଷା :**

ଧାନ ଅମଳ ସମୟରେ ମୂଷା ମଧ୍ୟ କ୍ଷତି ଘଟିପାରେ । ମୂଷାକୁ ନିୟନ୍ତ୍ରଣ କରିବା ପାଇଁ ମୂଷା ଗାତକୁ ଚିହ୍ନଟ କରି ତା ଉପରେ କାଦୁଅ ଲିପି ଗାତ ବନ୍ଦ କରିଦିଅନ୍ତୁ । ତା ପରଦିନ ଯେଉଁ ଗାତମୁହଁ ଖୋଲା ଥିବ ସେ ଗାତରେ ଆଲୁମିନିୟମ୍ ଫସ୍‌ଫାଇଡ୍ ୬% ବଟିକା (ଗୋଟେ ବଟିକା ୧୨ ଗ୍ରାମ୍) କନାରେ ବାନ୍ଧି ଗାତ ପିଛା ଗୋଟିଏ ରଖି ଗାତ ମୁହଁକୁ କାଦୁଅରେ ବନ୍ଦ କରିଦିଅନ୍ତୁ ।

**ସାଆଁରା ରୋଗ :** ସାଆଁରା ରୋଗ ଦମନ ପାଇଁ କପର ହାଇଡ୍ରୋକ୍ସାଇଡ୍ ୭୭ ଡବ୍ଲ୍ୟୁ.ପି ୮୦୦ ଗ୍ରାମ୍ ଏକର ପିଛା କିମ୍ବା କପର ହାଇଡ୍ରୋକ୍ସାଇଡ୍ ୫୩.୮ ଡି.ଏଫ୍ ୬୦୦ ଗ୍ରାମ ଏକର ପିଛା ପାଣିରେ ମିଶାଇ ଫୁଲ ଧରିବା ପୂର୍ବରୁ ସିଞ୍ଚନ କରନ୍ତୁ କିମ୍ବା କ୍ଲୋରୋଥାଲୋନିଲ୍ ୭୫ ଡବ୍ଲ୍ୟୁ.ପି ୪୦୦ ଗ୍ରାମ୍ କିମ୍ବା ପ୍ରୋପିକୋନାଜୋଲ୍ ୨୫ ଇ.ସି ପାଣିରେ ମିଶାଇ ଫୁଲ ବାହାରିବା ପରେ ସିଞ୍ଚନ କରନ୍ତୁ ।

**କେଣ୍ଡା ମହିଷା ରୋଗ :** କାରବେଣ୍ଡାଜିମ୍ କିମ୍ବା ଟ୍ରାଇସାଇକ୍ଲାଜୋଲ୍ ୭୫ ଡବ୍ଲ୍ୟୁ.ପି ୨୦୦ ଗ୍ରାମ୍ କିମ୍ବା ଟେବୁକୋନାଜୋଲ୍ ୫୦+ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫ ଡବ୍ଲ୍ୟୁ.ଜି ୮୦ ଗ୍ରାମ୍ ପ୍ରତି ଏକର ହିସାବରେ ସିଞ୍ଚନ କରନ୍ତୁ ।

**ବି.ଦ୍ର.**-ଉପରୋକ୍ତ ବିଷୟରେ କୌଣସି ଦ୍ୱନ୍ଦ ଉପୁଜିଲେ  ଜାତୀୟ ଧାନ ଗବେଷଣାର ଅନୁଷ୍ଠାନର ବିଶେଷଜ୍ଞଙ୍କ ସହ ଯୋଗାଯୋଗ କରନ୍ତୁ କିମ୍ବା ନିକଟବର୍ତ୍ତୀ କୃଷି ବିଶେଷଜ୍ଞଙ୍କ ସହିତ ପରାମର୍ଶ କରନ୍ତୁ ।

******